# Akashvani, Sambalpur

## SAMBALPURI NEWS MORNING BULLETIN

## 16 August 2026 - 6.47- 6.52 am.

---

ପ୍ରଧାନ୍‌ମନ୍ତ୍ରୀ        ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ବଛ୍‌ରେ ଭିତ୍‌ରେ ଦେଶର୍ ୧ କୋଟି ଯୁଆନ୍ ପିଲା ଟୁକେଲ୍‌ଙ୍କୁ କୃତ୍ରିମ ବୁଦ୍ଧିମତା ବାବଦ୍ ଦକ୍ଷତାର୍ ତାଲିମ୍ ଦିଆଯିବା ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ଇତାର୍‌ଜରିଏ ଦେଶର୍ ଯୁବବର୍ଗ କୃତ୍ରିମ ବୁଦ୍ଧିମତା କ୍ଷେତ୍ରଥି ପୁର୍‌ଥିର୍ ନେତୃତ୍ୱ ନେବାର୍‌ଥି ସକ୍ଷମ୍ ହେଇପାର୍‌ବେ ବଲି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ ।

(ଭଏସ୍ ଓଭର୍-ପ୍ରଧାନ୍‌ମନ୍ତ୍ରୀ)

ଗଲାକାଏଲ୍ ୮୦ତମ ସ୍ୱାଧୀନତା ଦିବସ୍ ପାଲନ୍ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ଦିଲ୍ଲୀର୍ ଐତିହାସିକ୍ ଲାଲ୍‌କିଲ୍ଲାନୁ ଦେଶ୍‌ବାସୀଙ୍କୁ ସମ୍ବୋଧିତ୍ କରିଛନ୍ । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ସେମି କଣ୍ଡକ୍ଟର୍ ବାବ୍‌ଦେ ଆଲୋଚନା କରିକରି କହିଛନ୍, ଇହାଦେ ଡିଜିଟାଲ୍ ଆଉ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରଥି ସେମି କଣ୍ଡକ୍ଟର୍‌ର ଜରୁରୀ ଭୂମିକା ରହିଛେ ।

ଦେଶେ ଇହାଦେ ୩ ଟା ସେମିକଣ୍ଡକ୍ଟର୍ ପ୍ଲାଂଟ୍ କାର୍ଯ୍ୟକ୍ଷମ୍ ହେଇଛେ । ଆଏବା ଦିନେ ଆହୁରି ୮ ଟା ସେମିକଣ୍ଡକ୍ଟର୍ ପ୍ଲାଂଟ୍ ଥାପ୍‌ନା କରାଯିବା । ଇତାର୍‌ସହେତେ ଭାରତ୍‌କେ ଆତ୍ମନିର୍ଭରଶୀଲ୍ କର୍‌ବାର୍‌କେ ହେଲେ ଉତ୍ପାଦନ୍‌ଶକ୍ତି, କୃଷି ଆଉ ଖାଦ୍ୟ ପ୍ରକ୍ରିୟାକରଣ୍, ପ୍ରଯୁକ୍ତିବିଦ୍ୟା ଆଉ ନବସୃଜନ୍, ଗତିଶକ୍ତି, ଭିତିଭୂମି, ରକ୍ଷାଶକ୍ତି, ସବୁଜ ଆଉ ନୀଳ ଅର୍ଥନୀତି ଆଉ ଯୋଗ ଆୟୁର୍ବେଦ୍, ପର୍ଯ୍ୟଟନ୍ ବାଗିର୍ ସଫ୍ଟ ପାୱାର୍‌କେ ବର୍‌କସ୍ କର୍‌ବାର୍ ଉପ୍‌ରେ ପ୍ରଧାନ୍‌ମନ୍ତ୍ରୀ ଜୋର୍ ଦେଇଛନ୍ । ରାଷ୍ଟ୍ରୀୟ ଗୀତ୍ ବନ୍ଦେ ମାତରମ୍‌ର ଶହେ ୫୦ ବଛର୍ ପୂର୍ତି ଅବ୍‌ସରେ ପହେଲାଥର୍ ଲାଗି ଲାଲ୍‌କିଲ୍ଲା ଠାନେ ବନ୍ଦେ ମାତରମ୍ ଗାନ କରାଯାଇଥିଲା ।

ଡିଜିପି ଅବସର ଆଇ ଆଣ୍ଡ୍ ପି.ଆର୍

ରାଜ୍ୟ ପୁଲିସ କ୍ରାଇମ୍‌ବ୍ରାଂଚ୍‌ର ଡିଜି ବିନୟ ତୋଷ୍ ମିଶ୍ର ରାଜ୍ୟର୍ ପୁଲିସ୍ ମହାନିର୍ଦ୍ଦେଶକ୍ ଭାବେ ଅତିରିକ୍ତ ଦାୟିତ୍ୱ ନେବେ । ପୂର୍ଣ୍ଣକାଳୀନ ପୁଲିସ୍ ମହାନିର୍ଦ୍ଦେଶକ୍ ଭାବେ କେହି ବଛା ନାଇଁଯାଇଥିବାର୍‌ନୁ ଶ୍ରୀ ମିଶ୍ରଙ୍କୁ ଇ ଅତିରିକ୍ତ ଦାୟିତ୍ୱ ଦିଆଯାଇଛେ । ପରବର୍ତୀ ନିର୍ଦ୍ଦେଶ୍ ବାହାର୍‌ବାର୍ ତକ୍ ଶ୍ରୀ ମିଶ୍ର ଇ ଦାୟିତ୍ୱଥି

ରହେବେ । ଇନ ଜନେଇ ଦିଆଯାଇପାରେ ଯେ, ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ୍ ଯୋଗେଶ୍ ବାହାଦୂର୍ ଖୁରାନିଆ ଆଏଜ୍ ଚାକିରୀନୁ ଅବସର ନେଉଛନ୍ ।

ମୁଖ୍ୟମନ୍ତ୍ରୀ ଜନ ଅଭିଯୋଗ୍ ଶୁଣାଣି ଆର୍ଏନ୍ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଠାନେ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ଆଏବା କାଏଲ୍ ବନ୍ଦ୍ ରହେବା । ମୁଖ୍ୟମନ୍ତ୍ରୀଙ୍କର୍ ଅଲ୍‌ଗା ଜରୁରୀ କାମ୍ ଥିବାର୍‌ନୁ ଶୁଣାଣି ବନ୍ଦ୍ ରହେବା ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ମିଲିଛେ । ଆଏବା ଶୁଣାଣି ତାରିଖ୍ ଗଣମାଧମ୍ ଆଉ ସମ୍ବାଦପତ୍ର ଜରିଏ ଲୁକ୍‌କୁ ଜନେଇ ଦିଆଯିବା ।

ବଏଢ଼୍ ଆଇ ଆଣ୍ଡ ପି.ଆର୍

ଲଗାଏତ୍ ବର୍ଷା ଲାଗି ଭିନ୍ ଭିନ୍ ନଦୀର୍ ଜଲ୍‌ସ୍ତର୍ ବଢ଼୍‌ବାର୍‌ଥି ଲାଗିଛେ । ରାଏଜେ ବନ୍ୟା ଥିତିର ସମୀକ୍ଷା ଲାଗି ସ୍ୱତନ୍ତ୍ର ରିଲିଫ୍ କାର୍ଯ୍ୟାଲୟ ନ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍

ପୂଜାରୀଙ୍କର୍ ଅଧ୍ୟକ୍ଷତାଥ୍ ଗୁଟେ ଉଚ୍ଚସ୍ତରୀୟ ବୈଠକ୍ ହେଇଯାଇଛେ । ପ୍ରତ୍ୟେକ୍ ଧନ୍‌ଜୀବନ୍‌ର ସୁରକ୍ଷା ସୁନିଶ୍ଚିତ୍ କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍‌ଟା ପୁରାପୁରି ପ୍ରସ୍ତୁତ୍ ଥିବାର୍ ବେଲେ ଆଏବା ଦିନେ ବନ୍ୟାର୍ ସ୍ଥାୟୀ ପ୍ରତିକାର୍ ଲାଗି ପଦକ୍ଷେପ୍ ଉପ୍‌ରେ ଜୋର୍ ଦିଆଯିବା ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ । ସ୍ୱତନ୍ତ୍ର ରିଲିଫ୍ କମିଶନର୍‌ଙ୍କର୍ ରିପୋର୍ଟ ଅନ୍‌ସାରେ ଇହାଦେତକ୍ ୬ ଟା ଜିଲ୍ଲାର୍ ୫୨ ଟା ବ୍ଲକ୍‌ର ୨ ଶହ ୨୭ ଟା ପଂଚାୟତ୍ ଆଉ ୫ ଶହ ୩ ଟା ଗାଁ ପ୍ରଭାବିତ୍ ହେଇଛେ । ବଏଢ଼୍‌ଥ୍ ୨ ଲାଖ୍ ୭୦ ହଜାର୍ ୨ ଶହ ୧୨ ଝନ୍ ଲୋକ୍ ପ୍ରଭାବିତ୍ ହେଇଛନ୍ । ଆଏଜ୍‌ତକ୍ ମୋଟ୍ ୯୫ ହଜାର୍ ୨ ଶହ ୬ ଝନ୍‌କୁ ୨ ଶହ ୨୬ ଟା ଆଶ୍ରୟସ୍ଥଲ୍‌କେ ନିଆଯାଇଛେ । ଉଦ୍ଧାର୍ କାମ୍, ଜରୁରୀକାଳୀନ ସେବା ଯୁଗେଇ ଦେବାର୍ ଲାଗି ଶହେ ୧୮ ଟା ଉଦ୍ଧାର୍‌କାରୀ ଦଲ୍ ବଏଢ଼୍ ପ୍ରଭାବିତ୍ ଇଲାକାମାନ୍‌କେ ଅଛନ୍ । ସେନ୍ତା ୬୨ ଟା ମେଡ଼ିକାଲ୍ ଦଲ୍ ଭିଲ୍ ପ୍ରଭାବିତ୍ ଇଲାକାମାନ୍‌କେ ରହିକରି ଲୁକ୍‌କୁ ସ୍ୱାସ୍ଥ୍ୟସେବା ଯୁଗେଇ ଦଉଛନ୍ ବଲି ସୂଚ୍‌ନା ମିଳିଛେ ।

ସଂଗୀତ ଉତ୍ସବ - ଭାରତୀୟମ       ଆଇ.ଆଣ୍ଡ୍.ପି.ଆର୍

ଓଡ଼ିଆ ଭାଷା, ସାହିତ୍ୟ, ଆଉ ସଂସ୍କୃତି ବିଭାଗ୍ ଆଉ ଓଡ଼ିଶା ସଂଗୀତ୍ ନାଟକ୍ ଏକାଡେମୀ ତର୍ଫୁ ଭୁବ୍ନେଶ୍ୱର୍ ରବୀନ୍ଦ୍ର ମଣ୍ଡପ୍ ନ ଦେଶାତ୍ମବୋଧକ ସଂଗୀତ ଉତ୍ସବ - ଭାରତୀୟମ୍ ଗଲାକାଏଲ୍ ଆୟୋଜିତ ହେଇଥିଲା । ଇ ଅବ୍ସରେ ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । କାର୍ଯ୍ୟକ୍ରମ୍ଥି ଇଣ୍ଡିଆନ୍ ଆଇଡଲ୍ ପ୍ରତିଯୋଗିତାର୍ ବିଜେତା କଣ୍ଠଶିଳ୍ପୀ ଜ୍ୟୋର୍ତିମୟୀ ନାଏକ୍, ସୁବାସ ଦାସ ଆଉ ଅଲ୍ଗା କଣ୍ଠଶିଳ୍ପୀମାନେ ସଂଗୀତ୍ ପରିବେଷଣ୍ କରିଥିଲେ ।

ସମ୍ବଲ୍ପୁର୍ ଦୁର୍ଘଟଣା ଆର୍ଏନ୍ୟୁ/ ସମ୍ବଲପୁର

ସମ୍ବଲ୍ପୁର୍ ନ ହେଇଥିବା ସଡ଼କ୍ ଦୁର୍ଘଟଣାକେ ନେଇକରି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଭୀର୍ ଦୁଖ ପ୍ରକାଶ କରିଛନ୍ । ଦୁର୍ଘଟଣାଥି ଜୀବନ୍ ହରେଇଥିବା ମୃତକମାନ୍କର୍ ଅମର ଆତ୍ମାର୍ ସଦ୍ଗତି କାମନା କର୍ବାର୍ ସହେତେ ଶୋକସନ୍ତପ୍ତ ପରିବାର୍ ଲୁକ୍କର୍ ଲାଗି ମୁଖ୍ୟମନ୍ତ୍ରୀ ସମବେଦନା ଜନେଇଛନ୍ । ଇତାର୍ସହେତେ ଦୁର୍ଘଟଣାଥି ଆହତ୍ ହେଇଥିବା ଲୁକ୍କୁ ତୁର୍ତି

ଜରୁରୀ ଚିକିତ୍ସା ସେବା ଯୁଗେଇ ଦେବାର୍‌କେ ଜିଲ୍ଲା ପ୍ରଶାସନ୍ ଆଉ ସମ୍ବନ୍ଧିତ୍ କର୍ତୃପକ୍ଷଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ ।

ଏଫ୍‌ଆଇଏଚ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ଏଫ୍‌ଆଇଏଚ୍ ହକି ବିଶ୍ୱକପ୍ -୨୦୨୬ ଗଲାକାଏଲ୍ ମୁଲ୍ ହେଇଛେ । ବେଲ୍‌ଜିୟମ୍ ଆଉ ନେଦର୍‌ଲେଣ୍ଡ୍ ମିଲିତ୍ ଭାବେ ଇତାର୍ ଆୟୋଜନ୍ କରୁଛନ୍ । ଉଦ୍‌ଘାଟନୀ ମେଚ୍‌ଥି ଗଲାକାଏଲ୍ ଭାରତୀୟ ପୁରୁଷ ହକି ଦଲ୍ ୱେଲ୍ସକେ ୩-୧ ଗୋଲ୍‌ଥି ହରେଇଛେ । ଆଏବାକାଏଲ୍ ଭାରତ୍ ଆଉ ଇଂଲଣ୍ଡ୍ ଭିତ୍‌ରେ ମେଚ୍ ଖେଲାଯିବା । ପ୍ରତିଯୋଗିତା ଆଏବା ୩୦ ତାରିଖ୍‌ତକ୍ ଚାଲ୍‌ବା ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ ପଶ୍ଚିମ ବଙ୍ଗୋପ୍‌ସାଗର୍ ଉପ୍‌ରେ ଆଉ ଗୁଟେ ଘୂର୍ଣ୍ଣିବଲୟ ସକ୍ରିୟ ହେଇଛେ । ଇଟା ଆଏବା କାଏଲ୍‌ତକ୍ ଲଘୁଚାପ୍‌ଥି ବଦ୍‌ଲିବାର୍ ସମ୍ଭାବନା ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ସାରା

ରାଏଜେ ଇତାର୍ ପ୍ରଭାବ୍‌ଥି ବର୍ଷା ଲାଗି ରହେବା । ଆଏବା ୨୪ ଘଂଟା ଭିତରେ ବିଜ୍‌ଲି, ଘଡ଼୍‌ଘଡ଼ି ସାଙ୍ଗେ ବର୍ଷା ହେବା ବଲି ପାଖାପାଖ୍ସି ସବୁ ଜିଲ୍ଲାକେ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚନା ଜାରି କରାଯାଇଛେ ।

ହୀରାକୁଦ୍ ଜଲ୍‌ଭଣ୍ଡାର୍ ଜଲ୍‌ସ୍ତର୍ ଆଏଜ୍ ସଖାଲର୍ ୬ ବଜେତକ୍ ୬ ଶହ ୧୬ ଦଶ୍‌ମିକ୍ ୬/ ୯ ଫୁଟ୍ ରହିଛେ । ଇହାଦେ ୨ ଟା ଗେଟ୍ ଦେଇକରି ଫିଁ ସେକେଣ୍ଡ୍‌ଥି ଜଲ୍‌ଭଣ୍ଡାର୍‌ନୁ ୬୫ ହଜାର୍ ୩ ଶହ ୩୩ ଘନଫୁଟ୍ ପାଏନ୍ ଛଡ଼ାଯାଉଥିବାର୍ ବେଲେ ୧ ଲାଖ୍ ୫୫ ହଜାର୍ ୯ ଶହ ୨ ଘନଫୁଟ୍ ପାଏନ୍ ଆସୁଛେ ।